ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟଜଣେ

ବନାମ

ଡ. ଶୈଳବାଳା ପାଢ଼ୀ

ଏପ୍ରିଲ 21, 1997

[କେ. ରାମସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତି ଦ୍ୱୟ]

*ସେବା ଆଇନ :*

*ବିଶ୍ୱବିଦ୍ୟାଳୟ ଅଧିନିୟମ, 1989*:

*ଧାରା 21 - ନିଯୁକ୍ତି - ପ୍ରଫେସର ପଦବୀ - ପ୍ରାର୍ଥୀଙ୍କ ସାକ୍ଷାତକାର ହୋଇଥିଲା - ତାଙ୍କ ନିଯୁକ୍ତିକୁ ସିଣ୍ଡିକେଟ୍ ର ଉପ-କମିଟିଙ୍କ ସୁପାରିଶ - ବିଶେଷଜ୍ଞ କମିଟି ପଦବୀର ପୁନଃ ବିଜ୍ଞାପନ ପାଇଁ ମତ ଦେଇଛନ୍ତି - ଉଚ୍ଚ ନ୍ୟାୟାଳୟ ପ୍ରାର୍ଥୀଙ୍କ ନିଯୁକ୍ତିକୁ ନିର୍ଦ୍ଦେଶ ଦେଇଥିଲେ - ଆବେଦନରେ ବିଚାର କରାଗଲା, ପୁନଃ ବିଜ୍ଞାପନ ପାଇଁ କୁଳପତିଙ୍କ ନିର୍ଦ୍ଦେଶ ନିୟମ ଅନୁଯାୟୀ ଥିଲା - ପ୍ରାର୍ଥୀଙ୍କ ନିଯୁକ୍ତିର ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ - ବିଶେଷଜ୍ଞ ସଂସ୍ଥା ତାଙ୍କୁ ଚୟନ କରିନଥିବାରୁ, ପଦବୀ ପାଇଁ ଚୟନ ନହେବା ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟକାଳ ଜାରି ରଖିବା ପାଇଁ କୌଣସି ସକରାତ୍ମକ ନିର୍ଦ୍ଦେଶ ଦିଆଯାଇପାରିନଥିଲା ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 3146/1997 ।

ଓ. ଜେ. ସି. ସଂଖ୍ୟା 8420/1993 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 11.9.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପି. ଏନ୍. ମିଶ୍ର, ଏସ୍. ମିଶ୍ର ଏବଂ ଏ. ମହାପାତ୍ର ।

ଉତ୍ତରଦାତାଙ୍କ ପାଇଁ ଶ୍ରୀମତୀ ଇନ୍ଦିରା ଜଇସିଂହ, ମନୋଜ ମିଶ୍ର, ଏସ୍. ଦାସ ଏବଂ ଭରତ ସାଙ୍ଗଲ୍ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମ୍ଭେ ନିକଟରେ ଉଭୟ ପକ୍ଷର ବିଜ୍ଞ ପରାମର୍ଶଦାତା ଅଛନ୍ତି ।

OJC ସଂଖ୍ୟା 8420/1993 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ଖଣ୍ଡପୀଠଙ୍କର ସେପ୍ଟେମ୍ବର 11, 1996 ର ରାୟରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ସ୍ୱୀକୃତଯୋଗ୍ୟ ସ୍ଥିତି ହେଉଛି ଯେ ଉତ୍ତରଦାତା ପରିବେଶ ବିଜ୍ଞାନର ପ୍ରଫେସର ପଦବୀରେ ଚୟନ ପାଇଁ ଆବେଦନ କରିଥିଲେ । ଜାନୁଆରୀ 31, 1992 ରେ ଚୟନ କମିଟି 13 ଜଣ ପ୍ରାର୍ଥୀଙ୍କ ସାକ୍ଷାତକାର ନେଇଥିଲା ଏବଂ ପରିବେଶ ବିଜ୍ଞାନର ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ କାହାରିକୁ ଯୋଗ୍ୟ ପାଇନଥିଲେ । ଏହି ମାମଲା ସିଣ୍ଡିକେଟ୍ ଉପ-କମିଟି ନିକଟକୁ ପଠାଯାଇଥିଲା, ଯାହା 1992 ମସିହା ଜୁନ୍ 22 ତାରିଖର କାର୍ଯ୍ୟବିଧି ଦ୍ୱାରା ମତ ଦେଇଥିଲା ଯେ ଯେହେତୁ ଉତ୍ତରଦାତା 90 ମାର୍କ ମଧ୍ୟରୁ 44 ମାର୍କ ହାସଲ କରିଛନ୍ତି, ତେଣୁ ସେ ନିଯୁକ୍ତି ପାଇଁ ଯୋଗ୍ୟ ଥିଲେ ଏବଂ ସେହି ଅନୁଯାୟୀ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, 1989 (ସଂକ୍ଷେପରେ, 'ଅଧିନିୟମ') ର ଧାରା 21 (2) ର ପ୍ରଥମ ପ୍ରାବଧାନ ଅନୁଯାୟୀ ଏହି ମାମଲା କୁଳାଧିପତିଙ୍କ ନିକଟକୁ ପଠାଯାଇଥିଲା । 1993 ମସିହା ଜାନୁଆରୀ 15 ତାରିଖର କାର୍ଯ୍ୟବିଧି ଦ୍ୱାରା ବିଶେଷଜ୍ଞ କମିଟିଙ୍କର ମତ ଅନୁଯାୟୀ କୁଳାଧିପତି (ଓଡ଼ିଶାର ରାଜ୍ୟପାଳ)  ପୁନଃ ବିଜ୍ଞାପନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ, ପରିବେଶ ବିଜ୍ଞାନରେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଅକ୍ଟୋବର 16,1993 ରେ ଆଉ ଏକ ବିଜ୍ଞାପନ ଜାରି କରାଯାଇଥିଲା । ଆବଶ୍ୟକ ଯୋଗ୍ୟତା ଥିଲା ଉଦ୍ଭିଦ ବିଜ୍ଞାନ କିମ୍ବା ପ୍ରାଣୀ ବିଜ୍ଞାନ କିମ୍ବା ପରିବେଶ ଜୀବବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ । ଉତ୍ତରଦାତା ଉକ୍ତ ପଦବୀର ପୁନଃ-ବିଜ୍ଞାପନ ଉପରେ ପ୍ରଶ୍ନ ଉଠାଇଥିଲେ । ରାୟ ତାରିଖ ଠାରୁ ଚାରି ସପ୍ତାହ ମଧ୍ୟରେ ପ୍ରତିବାଦୀଙ୍କୁ ନିଯୁକ୍ତି ଦେବାକୁ ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ରାୟରେ ନିର୍ଦ୍ଦେଶ ଦେଇଛନ୍ତି । ଆମକୁ ଅବଗତ କରାଯାଇଛି ଯେ ଉତ୍ତରଦାତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅବମାନନା କାର୍ଯ୍ୟାନୁଷ୍ଠାନ ଅନୁଯାୟୀ, ଉତ୍ତରଦାତାଙ୍କୁ ନିଯୁକ୍ତି କରାଯାଇଥିଲା ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଜ୍ଞ ପରାମର୍ଶଦାତା ଶ୍ରୀ ମିଶ୍ରଙ୍କ ଦ୍ୱାରା ଏହି ଯୁକ୍ତି ରଖାଯାଇଛି ଯେ ପରିବେଶ ଜୀବବିଜ୍ଞାନ ଆବଶ୍ୟକ କରୁଥିବା ପର୍ଯ୍ୟାବରଣ ବିଜ୍ଞାନରେ ପ୍ରଫେସର ଭାବରେ ମନୋନୀତ ହେବା ପାଇଁ କିଏ ଯୋଗ୍ୟ ଏବଂ ଉପଯୁକ୍ତ, ତାହା ଉପରେ ମତ ଦେବା ପାଇଁ ବିଶେଷଜ୍ଞ ସଂସ୍ଥା ହେଉଛି କ୍ଷମତାପନ୍ନ କମିଟି, ଏବଂ ଉତ୍ତରଦାତା ପରିବେଶ ଜୀବବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରନ୍ତି ନାହିଁ । ଉଚ୍ଚ ନ୍ୟାୟାଳୟ ଆପେକ୍ଷିକ ଆବଶ୍ୟକୀୟ ଯୋଗ୍ୟତାର ମୂଲ୍ୟାଙ୍କନ କରିପାରିବେ ନାହିଁ ଏବଂ ନିଯୁକ୍ତି ପାଇଁ କିଏ ଉପଯୁକ୍ତ ହେବ ସେ ବିଷୟରେ ଉପସଂହାରରେ ପହଞ୍ଚିପାରିବେ ନାହିଁ । ଉତ୍ତରଦାତାଙ୍କ ପକ୍ଷରୁ ହାଜର ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀମତୀ ଇନ୍ଦିରା ଜଇସିଂହ ଯୁକ୍ତି ବାଢ଼ିଛନ୍ତି ଯେ କରାଯାଇଥିବା ବିଜ୍ଞାପନ ପରିବେଶ ଜୀବବିଜ୍ଞାନ ସହ ସମ୍ବନ୍ଧିତ ନୁହେଁ; ଏଥିପାଇଁ କେବଳ ଉଦ୍ଭିଦ ବିଜ୍ଞାନ କିମ୍ବା ପ୍ରାଣୀ ବିଜ୍ଞାନ କିମ୍ବା ପରିବେଶ ଜୀବବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଆବଶ୍ୟକ । ଯେହେତୁ ଉତ୍ତରଦାତା ଏହି କ୍ଷେତ୍ରରେ ଆବଶ୍ୟକ ଅଭିଜ୍ଞତା ସହ ଉଦ୍ଭିଦ

ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି, 90 ରୁ 44 ମାର୍କ ହାସଲ କରିଥିବାରୁ ସେ ଏହି ପଦବୀ ପାଇଁ ବିଚାର ହେବାକୁ ଯୋଗ୍ୟ ଅଟନ୍ତି ଏବଂ ପଦବୀଟିର ପୁନଃ ବିଜ୍ଞାପନ ପାଇଁ ନିର୍ଦ୍ଦେଶ ଦେବାକୁ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କର କୌଣସି କ୍ଷମତା ନାହିଁ । ତେଣୁ, ଉତ୍ତରଦାତାଙ୍କୁ ପରିବେଶ ଜୀବବିଜ୍ଞାନର ପ୍ରଫେସର ଭାବେ ନିଯୁକ୍ତ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବାରେ ଠିକ୍ ଥିଲେ ।

ସମ୍ପୃକ୍ତ ଯୁକ୍ତିଗୁଡ଼ିକ ଶୁଣିବା ପରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଙ୍କି ମାରିଥାଏ, ତାହା ହେଉଛି ଉତ୍ତରଦାତା ପ୍ରଫେସର ଭାବେ ନିଯୁକ୍ତ ହେବା ପାଇଁ ଯୋଗ୍ୟ କି ନୁହେଁ, ତାହାର ମୂଲ୍ୟାଙ୍କନ କରିବାରେ ଉଚ୍ଚ ନ୍ୟାୟାଳୟ ଯଥାର୍ଥ କି ନୁହେଁ । ଧାରା 21 ନିମ୍ନରେ ଦିଆଗଲା:

" ବିଶ୍ୱବିଦ୍ୟାଳୟର ଅଧିକାରୀ, ଶିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତି ।

(1) ରେଜିଷ୍ଟ୍ରାର ଏବଂ ଅର୍ଥ ନିୟନ୍ତ୍ରକଙ୍କ ବ୍ୟତୀତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧିକାରୀ ନିର୍ଦ୍ଦେଶକ, ରେଜିଷ୍ଟ୍ରାର, ଏପରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଦ୍ୱାରା ଅବଶିଷ୍ଟ ସଦସ୍ୟ ମାନଙ୍କ ମଧ୍ୟରୁ ମନୋନୀତ ଜଣେ ସଦସ୍ୟ ଏବଂ ଯେଉଁଠି ଆବଶ୍ୟକ ହୁଏ ଉକ୍ତ କୁଳପତିଙ୍କ ଦ୍ୱାରା ନିଯୁକ୍ତ ଦୁଇ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ଚୟନ କମିଟିର ସୁପାରିଶ ଉପରେ ସମ୍ପୃକ୍ତ କୁଳପତିଙ୍କ ଦ୍ୱାରା ନିଯୁକ୍ତ ହେବେ ।

(2) କୌଣସି ବିଶ୍ୱବିଦ୍ୟାଳୟର ଶିକ୍ଷକମାନେ ସମ୍ପୃକ୍ତ କୁଳପତି, ନିର୍ଦ୍ଦେଶକ, ପ୍ରଫେସର ନିଯୁକ୍ତି କ୍ଷେତ୍ରରେ କୁଳପତିଙ୍କ ଦ୍ୱାରା ମନୋନୀତ ଜଣେ ବିଶେଷଜ୍ଞ ଏବଂ ସିଣ୍ଡିକେଟ ଦ୍ୱାରା ଦିଆଯାଇଥିବା ଛଅ ଜଣ ବିଶେଷଜ୍ଞଙ୍କ ତାଲିକା ମଧ୍ୟରୁ ଉକ୍ତ କୁଳପତିଙ୍କ ଦ୍ୱାରା ଚୟନ କରାଯାଇଥିବା ତିନି ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ଚୟନ କମିଟିର ସୁପାରିଶ କ୍ରମେ ସେହି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ଦ୍ୱାରା ନିଯୁକ୍ତ ହେବେ, ଯାହା ଅନ୍ତର୍ଭୁକ୍ତ କରିବନାହିଁ -

(i) ଏପରି ବିଶ୍ୱବିଦ୍ୟାଳୟ କିମ୍ବା ଏହାର କୌଣସି ସଂଘଟକ କିମ୍ବା ଅନୁବନ୍ଧିତ ମହାବିଦ୍ୟାଳୟର କୌଣସି ଶିକ୍ଷକ; କିମ୍ବା

(ii) କୌଣସି ବ୍ୟକ୍ତି ଯିଏ ପୂର୍ବବର୍ତ୍ତୀ କିମ୍ବା ପ୍ରାସଙ୍ଗିକ ବର୍ଷରେ ଏପରି ବିଶ୍ୱବିଦ୍ୟାଳୟର ପରୀକ୍ଷକ ରହିଛନ୍ତି ।

ଉଲ୍ଲେଖଥାଉକି, ଯଦି କମିଟି କୌଣସି ନିର୍ଦ୍ଦିଷ୍ଟ ସୁପାରିଶ କରିବାରେ ବିଫଳ ହୁଏ କିମ୍ବା ସିଣ୍ଡିକେଟ୍ ର ସୁପାରିଶ କମିଟି ଦ୍ୱାରା କରାଯାଇଥିବା ସୁପାରିଶଠାରୁ ଭିନ୍ନ ହୁଏ, ତେବେ ଏହି ପ୍ରସଙ୍ଗ କୁଳାଧିପତିଙ୍କ ନିକଟକୁ ପଠାଯିବ, ଯାହାଙ୍କ ନିର୍ଣ୍ଣୟ ଚୂଡ଼ାନ୍ତ ହେବ ।"

ପ୍ରାର୍ଥୀ ଚୟନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି, ଏଥିରେ କୌଣସି ବିବାଦ ନାହିଁ । ଏହି ବିଶେଷଜ୍ଞ ଗୋଷ୍ଠୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି, ଉଚ୍ଚ ଶିକ୍ଷା, ଓଡ଼ିଶାର ନିର୍ଦ୍ଦେଶକ, ଆନ୍ନା ବିଶ୍ୱବିଦ୍ୟାଳୟ, କୁଇଣ୍ଡିର ପ୍ରଫେସର, କୋଚିନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଦ୍ୟାଳୟର ପ୍ରଫେସର ଏବଂ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ବିଶାଖାପାଟଣାର ପରିବେଶ ବିଜ୍ଞାନ ବିଭାଗର ପ୍ରଫେସରଙ୍କୁ ନେଇ ଗଠିତ । ସେମାନେ ନିମ୍ନମତେ ମତ ଦେଇଛନ୍ତି:

"13 ଜଣ ପ୍ରାର୍ଥୀଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା, ଯେଉଁଥିରୁ 10 ଜଣ ପ୍ରାର୍ଥୀ ଚୟନ କମିଟି ସମ୍ମୁଖରେ ହାଜର ହୋଇଥିଲେ ଏବଂ ସେମାନଙ୍କର ସାକ୍ଷାତକାର ନିଆଯାଇଥିଲା । ପ୍ରାର୍ଥୀଙ୍କ ବୃତ୍ତି, ଗବେଷଣା ପ୍ରକାଶନ, ଶିକ୍ଷାଦାନ ଅଭିଜ୍ଞତା, ଗୋପନୀୟ ଚରିତ୍ର ପଞ୍ଜିକା ଏବଂ ମୌଖିକ ପରୀକ୍ଷାରେ ପ୍ରଦର୍ଶନକୁ ବିଚାରକୁ ନେଇ ଚୟନ କମିଟି ପରିବେଶ ବିଜ୍ଞାନର ପ୍ରଫେସର ପାଇଁ କାହାକୁ ସୁପାରିଶ କରିନାହାଁନ୍ତି ।"

ବିଶେଷଜ୍ଞ ଚୟନ କମିଟି ଦ୍ୱାରା ଅଭିବ୍ୟକ୍ତ ମତକୁ ବିଚାରକୁ ନେବା ପରେ କୁଳପତି ନିମ୍ନମତେ ମତ ଦେଇଛନ୍ତି:

"(2) ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ପଦବୀ ପାଇଁ ସାକ୍ଷାତକାରରେ ସର୍ବାଧିକ ଅଙ୍କ ହାସଲ କରିଥିବା ଡ. (ଶ୍ରୀମତି) ଶୈଳବାଳା ପାଢ଼ୀଙ୍କର ସ୍ନାତକୋତ୍ତର କିମ୍ବା ଡକ୍ଟରେଟ୍ ଡିଗ୍ରୀ ପର୍ଯ୍ୟାୟରେ ପରିବେଶ ବିଜ୍ଞାନରେ ବିଶେଷତା ନାହିଁ । ତେବେ, ସେ ଶୈବାଳ ବିଜ୍ଞାନରେ ସ୍ୱତନ୍ତ୍ରତା ସହିତ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତରରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଶୈବାଳ ବିଜ୍ଞାନରେ ପି. ଏଚ୍. ଡି କରିଥିଲେ । ଅଷ୍ଟମ ଯୋଜନା ପାଇଁ ୟୁ. ଜି. ସି. ରେ ଦାଖଲ ହୋଇଥିବା ପ୍ରସ୍ତାବ ଅନୁଯାୟୀ, ଏହା ସୂଚିତ କରାଯାଇଥିଲା ଯେ ପରିବେଶ ବିଜ୍ଞାନରେ ସ୍ୱତନ୍ତ୍ର ପାଠ୍ୟକ୍ରମ (Ph.D/M.Phil) ଉଦ୍ଭିଦ ବିଜ୍ଞାନ/ପ୍ରାଣୀ ବିଜ୍ଞାନ ବିଭାଗର ଏକ ଆନ୍ତଃବିଷୟକ ପାଠ୍ୟକ୍ରମ ଭାବରେ ଆରମ୍ଭ କରାଯିବ ଏବଂ ଏହି ଉଦ୍ଦେଶ୍ୟରେ ପ୍ରଫେସର ଏବଂ ପ୍ରାଧ୍ୟାପକ ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ବିଷୟଧାରାରୁ ହେବା ଉଚିତ । ତେଣୁ ଉପ-କମିଟି ପରାମର୍ଶ ଦେଇଥିଲେ ଯେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, 1989 ର ଧାରା 21 (2) ର ପ୍ରଥମ ପ୍ରାବଧାନ ଅନୁଯାୟୀ ତାଙ୍କ ମାମଲା ନିର୍ଣ୍ଣୟ ପାଇଁ କୁଳପତିଙ୍କ ନିକଟକୁ ପଠାଇବା ବିଷୟରେ ସିଣ୍ଡିକେଟ୍ ବିଚାର କରିପାରିବେ ।

ସିଣ୍ଡିକେଟ୍ ର ଉପରୋକ୍ତ ପର୍ଯ୍ୟବେକ୍ଷଣ ସହିତ ଚୟନ କମିଟିର ସୁପାରିଶ ଏବଂ ଏହା ଉପରେ ସିଣ୍ଡିକେଟ୍ ଉପ-କମିଟିର ରିପୋର୍ଟ କୁଳାଧିପତିଙ୍କ ନିକଟକୁ ବିଚାର/ନିଷ୍ପତ୍ତି ପାଇଁ ପଠାଯିବ" ।

ସିଣ୍ଡିକେଟ୍ ଏହାର ପ୍ରସ୍ତାବରେ ନିମ୍ନମତେ କହିଛନ୍ତି:

"କୁଳାଧିପତି ଆହୁରି ମଧ୍ୟ ଆଦେଶ ଦେଇଛନ୍ତି ଯେ ଆବଶ୍ୟକ ସର୍ତ୍ତାବଳୀ ଯଥା, ଯୋଗ୍ୟତା, ଅଭିଜ୍ଞତା ଏବଂ ବିଶେଷତା ଇତ୍ୟାଦି ଅନୁଯାୟୀ ନିମ୍ନଲିଖିତ ଖାଲି ପଦବୀ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୁନଃ ବିଜ୍ଞାପନ କରିବା ଉଚିତ୍" ।

(1) XXX XXX XXX

(2) ପରିବେଶ ବିଜ୍ଞାନର ପ୍ରଫେସର ।

XXX XXX XXX "

ଏହି ବାସ୍ତବ ଏବଂ ଆଇନଗତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିଚାର ପାଇଁ ଉଠୁଥିବା ପ୍ରଶ୍ନ ହେଉଛି ଯେ ଉତ୍ତରଦାତାଙ୍କ ନିଯୁକ୍ତିକୁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ନ୍ୟାୟସଙ୍ଗତ ହେବେ କି? ଏହା ଦେଖାଯାଏ ଯେ, ସ୍ୱୀକାରଯୋଗ୍ୟଭାବେ ଉତ୍ତରଦାତା ଶୈବାଳ ବିଜ୍ଞାନ ବିଷୟରେ ବିଶେଷତା ସହିତ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏପରିକି ଆମେ ଦେଖୁ ଯେ ବିଭିନ୍ନ ସାମୟିକ ପତ୍ରିକାରେ ପ୍ରକାଶିତ ତାଙ୍କ ପ୍ରବନ୍ଧଗୁଡ଼ିକ ମଧ୍ୟରେ କେବଳ ଦୁଇଟି ପ୍ରବନ୍ଧ ପରିବେଶ ବିଜ୍ଞାନ ଉପରେ ଅଛି କିନ୍ତୁ ସେଥିରେ ଉଲ୍ଲେଖ କରାଯାଇଥିବା ଅଭିଜ୍ଞତା ଅନ୍ୟ ବିଷୟ ସହିତ ଜଡିତ । ତେଣୁ, ଏହା ସ୍ପଷ୍ଟ, ଜଣେ ପ୍ରାର୍ଥୀ ପ୍ରଫେସର ଭାବେ ନିଯୁକ୍ତି ପାଇଁ ଉପଯୁକ୍ତ କି ନୁହେଁ, ତାହା ବିଚାର କରି ପ୍ରାର୍ଥୀମାନଙ୍କ ମଧ୍ୟରୁ ଜଣକୁ ପରିବେଶ ବିଜ୍ଞାନର ପ୍ରଫେସର ଭାବେ ଚୟନ କରିବା ବିଶେଷଜ୍ଞ ସଂସ୍ଥାର ଉଦ୍ଦେଶ୍ୟ ଥିଲା । ଏହା ସତ୍ୟ ଯେ ସିଣ୍ଡିକେଟ୍ ଏହା ଯଥାର୍ଥ ବୋଲି ଭାବିଥିଲେ ଯେ ଯଦି ଉତ୍ତରଦାତାଙ୍କର ଯୋଗ୍ୟତା ଥିବା ବିଷୟ ମଧ୍ୟରୁ ଗୋଟିଏରେ ଅର୍ଥାତ ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଯୋଗ୍ୟତା ରହିଥିବା, ତେବେ ତାଙ୍କୁ ପ୍ରାର୍ଥୀ ଭାବରେ ପସନ୍ଦ କରାଯିବ, ଯେହେତୁ ଉଦ୍ଭିଦ ବିଜ୍ଞାନ/ପ୍ରାଣୀ ବିଜ୍ଞାନର ଆନ୍ତଃବିଷୟକ ପାଠ୍ୟକ୍ରମ ଭାବରେ ପରିବେଶ ବିଜ୍ଞାନ ଆରମ୍ଭ ହେବ ଏବଂ ସେହି ଉଦ୍ଦେଶ୍ୟରେ ପ୍ରଫେସର/ପ୍ରାଧ୍ୟାପକ ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ଧାରାରୁ ହେବା ଉଚିତ୍ । ଧାରା 21 ର ଉପଧାରା (2) ର ପ୍ରଥମ ପ୍ରାବଧାନ ଅନୁଯାୟୀ କୁଳାଧିପତିଙ୍କ ଆଦେଶ ଚୂଡ଼ାନ୍ତ ହେବ ଏବଂ ତେଣୁ, ସିଣ୍ଡିକେଟ୍ ର ଉପ-କମିଟି ଦ୍ୱାରା ଅଭିବ୍ୟକ୍ତ ମତ ଏହାର ମୌଳିକତା ହରାଇବ । ନିର୍ଦ୍ଦିଷ୍ଟ ଯୋଗ୍ୟତା ଥିବା ପ୍ରଫେସର/ପ୍ରାଧ୍ୟାପକ କିମ୍ବା ଅନ୍ୟ କୌଣସି ଶିକ୍ଷକଙ୍କ ଚୟନରେ, ବିଜ୍ଞାପନ ଦିଆଯାଇଥିବା ପଦବୀରେ ଚୟନ ପାଇଁ ପ୍ରାର୍ଥୀଙ୍କ ଯୋଗ୍ୟତା ଏବଂ ଦକ୍ଷତା ଯାଞ୍ଚ କରିବା ବିଶେଷଜ୍ଞ ସଂସ୍ଥାର ଦାୟିତ୍ୱ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବିଜ୍ଞାପନରେ 'ପରିବେଶ ବିଜ୍ଞାନ' ବିଷୟରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇ ନଥିଲା, କିନ୍ତୁ ଏଥିରେ କୌଣସି ବିବାଦ ନାହିଁ ଯେ ଉଦ୍ଭିଦ ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ପରିବେଶ ବିଜ୍ଞାନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ କିମ୍ବା ପରିବେଶ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ସହିତ ପରିବେଶ ବିଜ୍ଞାନରେ ପ୍ରଫେସର ପଦବୀ ପାଇଁ ଆବଶ୍ୟକ

ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଚୟନ କରିବାକୁ ସିଣ୍ଡିକେଟ୍ କୁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ, ଏହା ଦେଖିବାକୁ ମିଳିଥିଲା ଯେ କର୍ତ୍ତୃପକ୍ଷ ପ୍ରାର୍ଥୀଙ୍କ ଯୋଗ୍ୟତାର ମୂଲ୍ୟାଙ୍କନ କରିବାକୁ ସକ୍ଷମ ଥିଲେ ଏବଂ ବିଶେଷଜ୍ଞ ସଂସ୍ଥା ନିଜସ୍ୱ ଉପସଂହାରରେ ପହଞ୍ଚିଥିଲେ ଯେ 90 ରୁ 44 ମାର୍କ ହାସଲ କରିଥିବା ପ୍ରାର୍ଥୀଙ୍କୁ ପଦବୀରେ ନିଯୁକ୍ତି ପାଇଁ ପାସ୍ କରାଯିବା ଉଚିତ । ବିଶେଷଜ୍ଞ ସଂସ୍ଥାର ରିପୋର୍ଟ ପାଇଥିବା ସୁଯୋଗରେ କୁଳାଧିପତି ସ୍ପଷ୍ଟତଃ ଉତ୍ତରଦାତାଙ୍କୁ ପ୍ରଫେସର ଭାବରେ ନିଯୁକ୍ତ କରିବାକୁ ସିଣ୍ଡିକେଟ୍ ର ଉପ-କମିଟି ମତ ସହିତ ରାଜି ହେବାକୁ ଆଗ୍ରହୀ ନଥିଲେ ଏବଂ ସେହି ଅନୁଯାୟୀ, ସେ ପରିବେଶ ବିଜ୍ଞାନରେ ପ୍ରଫେସର ପଦବୀ ପାଇଁ ପୁନଃ ବିଜ୍ଞାପନ ଦେବାକୁ ନିୟମ ଅନୁଯାୟୀ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ, ଉତ୍ତରଦାତାଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ତ୍ରୁଟି କରିଥିଲେ । ତଦନୁଯାୟୀ ପୁନଃ ବିଜ୍ଞାପନ ନିୟମ ଅନୁଯାୟୀ ହୋଇଛି । ସୁଶ୍ରୀ ଇନ୍ଦିରା ଜଇସିଂହ ପ୍ରାର୍ଥନା କରିଛନ୍ତି ଯେ ଯେହେତୁ ଉତ୍ତରଦାତା ନିଯୁକ୍ତ ହୋଇଛନ୍ତି, ତାଙ୍କୁ ପରିବେଶ ବିଜ୍ଞାନର ପ୍ରଫେସର ପଦବୀରେ ଜାରି ରହିବାକୁ ଅନୁମତି ଦିଆଯାଉ । ବିଶେଷଜ୍ଞ ସଂସ୍ଥା ତାଙ୍କୁ ଚୟନ କରିନାହିଁ ବୋଲି ଲକ୍ଷ୍ୟ କରି, ଆମେ ପରିବେଶ ବିଜ୍ଞାନରେ ପ୍ରଫେସର ପଦବୀ ଚୟନ ହେବା ପର୍ଯ୍ୟନ୍ତ ତାଙ୍କର ଚଳିତାବସ୍ଥା ଉପରେ କୌଣସି ସକାରାତ୍ମକ ନିର୍ଦ୍ଦେଶ ଦେଇପାରିବୁନାହିଁ ।

ତଦନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*

ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।